## ଏଫ୍‌ଆଇଏଚ୍ ପୁରୁଷ ପ୍ରୋ ଲିଗ୍ ଏପାଖ ସେପାଖ...

# ଭାରତ ଆଗରେ ଧୂଳି ଚାଟିଲା ଆୟରଲାଣ୍ଡ; ଦର୍ଶକ ଖୁସ୍

ରାଉରକେଲା ବିର୍ସାମୁଣ୍ଡା ହକି ଷ୍ଟାଡିୟମ୍‌ରେ ଗତକାଲିର ଭରପୁର ଦର୍ଶକ ଭାରତ ପରାସ୍ତ ହେବା ପରେ ନିରାଶ ହୋଇ ଫେରିଥିବା ବେଳେ ଆଜିର ଦ୍ୱିତୀୟ ମ୍ୟାଚ୍ ଟି ୧୯ ହଜାର ଦର୍ଶକଙ୍କୁ ପୁର୍ ଖୁସି କରି ଦେଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ବାରମ୍ବାର ଚେଷ୍ଟାକରି ମଧ୍ୟ ଭାରତୀୟ ଦଳ ଆଗରେ ଆୟରଲ୍ୟାଣ୍ଡ ଦଳକୁ ପରାଜୟ ବରଣ କରିବାକୁ ପଡ଼ିଥିଲା। ଏପରିକି ଗୋଟିଏ ବି ଗୋଲ ସ୍କୋର କରିପାରି ନ ଥିଲେ ଆୟରଲ୍ୟାଣ୍ଡ ଦଳ। ଶେଷରେ ଭାରତ ୩-୦ ଗୋଲରେ ବିଜୟୀ ହୋଇଥିଲା। ଯାହା କି ପୁରା ଷ୍ଟାଡିୟମ ଇଣ୍ଡିଆ... ଇଣ୍ଡିଆ.. ଧ୍ୱନିରେ ପ୍ରକମ୍ପିତ ହୋଇଥିଲା।

### ■ ହାପି ଏଣ୍ଡିଂ...

ଭାରତ ଏବଂ ଆୟାର୍ଲାଣ୍ଡ ମଧ୍ୟରେ ହୋଇଥିବା ଆଜିର ଦ୍ୱିତୀୟ ତଥା ଏଫଆଇଏଚ ପ୍ରୋ ଲିଗ୍ ହକିର ଆଜିର ଅନ୍ତିମ ରାତି ଭାରତୀୟ ଦଳ ପାଇଁ ତଥା ଦର୍ଶକମାନଙ୍କ ପାଇଁ ବହୁତ ବଡ ବିଜୟର ରାତି ଥିଲା। ଯାହାକି ଏହା ଏକ 'ହାପି ଏଣ୍ଡିଂ' ବୋଲି ଦର୍ଶକ ମାନେ ମ୍ୟାଚ ଦେଖି ଫେରିବା ବେଳେ କୁହାକୁହି ହେଉଥିଲେ।

### ■ ସେଲ୍‌ଫି ନେଲେ ହରମନପ୍ରିତ ଓ ଶ୍ରୀଜେସ୍

ରବିବାର ଶେଷ ମ୍ୟାଚ୍‌ରେ ଆୟରଲ୍ୟାଣ୍ଡକୁ ହରାଇବା ପରେ ଭାରତୀୟ ଦଳ ବେଶ୍ ଉତଫୁଲ୍ଲିତ ମନେ ହେଉଥିଲେ। ମ୍ୟାଚ ପରେ ଭାରତର ଅଧିନାୟକ ହରମନପ୍ରିତ ସିଂହ ଓ ଗୋଲ କିପର ଶ୍ରୀଜେସ୍ ଦର୍ଶକଙ୍କ ସହ ସେଲଫି ନେବା ଦୃଶ୍ୟ ବେଶ୍ ଆକର୍ଷଣୀୟ ହୋଇଥିଲା।

### ■ ଦୋହଲାଇଲା ନାଗପୁରୀ ଗୀତ

ଷ୍ଟାଡିୟମ୍ ଭିତରେ ଟ୍ରଲିଉଡ଼୍ ଓ ବଲିଉଡ୍ ଗୀତ ମ୍ୟାଚ୍ ଆରମ୍ଭ ହେବ ଦିନ ଠାରୁ ବାଜିଥିଲା। ଆଜି ଶେଷ ଦିନରେ ଏହି ଦୁଇ ଗୀତ ବାଜିଥିଲା। ମାତ୍ର ଅଧିକ ମାତ୍ରାରେ ନାଗପୁରୀ ଗୀତ 'ହାଲେ ଲୁୟା ନାଲି ଲୁୟା', ନାଗପୁରୀ ଗୀତର ମ୍ୟୁଜିକ ଭଳି ଅନ୍ୟ ଗୀତ ମଧ୍ୟ ବାଜିଥିଲା। ଯାହା ଫଳରେ ଗ୍ୟାଲେରୀରେ ବସିଥିବା ଦର୍ଶକ ମାନେ ଗୀତର ତାଳେତାଳେ ଝୁମି ଥିଲେ।

### ■ ଦୁଇ ଘଣ୍ଟା ଧରି ଲୋକେ ଆସିଥିଲେ

ପ୍ରଥମ ମ୍ୟାଚ ସନ୍ଧ୍ୟା ସାଢ଼େ ୫ଟା ଓ ଦ୍ୱିତୀୟ ମ୍ୟାଚ୍ ରାତି ସାଢ଼େ ୭ଟା ବେଳେ ଥିଲା। ତେବେ ଦ୍ୱିତୀୟ ମ୍ୟାଚ୍ ଇଣ୍ଡିଆର ଥିଲା। ଏହି କ୍ରମରେ ୫ଟାରୁ ସାଢେ ୭ଟା ଯାଏଁ ଲୋକେ ଷ୍ଟାଡିୟମକୁ ଆସିଥିଲେ। ଏପରିକି ଦ୍ୱିତୀୟ ମ୍ୟାଚ୍ ଆରମ୍ଭ ହେବା ପରେ ମଧ୍ୟ ଲୋକଙ୍କ ଆଗମନ ଲାଗି ରହିଥିବା ଦେଖିବାକୁ ମିଳିଥିଲା।

### ■ ପ୍ରଥମେ ଖାଲି ଖାଲି... ଭାରତବେଳେ ଗ୍ୟାଲେରୀ ଫୁଲ୍

ରବିବାର ଶେଷ ଦିନର ପ୍ରୋଲିଗ୍ ମ୍ୟାଚରେ ପ୍ରଥମ ମ୍ୟାଚଟି ଅଷ୍ଟ୍ରେଲିଆ ଓ ନେଦରଲାଣ୍ଡ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମାତ୍ର ସେତେବେଳେ ଷ୍ଟାଡିୟମ୍ ର ଗ୍ୟାଲେରୀ ଖାଁ ଖାଁ ଲାଗୁଥିଲା। ମାତ୍ର ପରେ ଭାରତ ମ୍ୟାଚ ବେଳକୁ ଷ୍ଟାଡିୟମ୍ ଗ୍ୟାଲେରୀ ସମ୍ପୂର୍ଣ୍ଣ ଫୁଲ୍ ହୋଇଥିଲା। ଏପରିକି କିଛି ଲୋକେ ଛିଡା ହୋଇ ଖେଳ ଦେଖିଥିବା ପରିଲକ୍ଷିତ ହୋଇଥିଲା।

### ■ ଟିକଟ ସୋଲ୍ଡ ଆଉଟ୍

ହକି ପ୍ରି ଲିଗର ୨୪ ଓ ୨୫ ତାରିଖ ମ୍ୟାଚ୍ ଇଣ୍ଡିଆର ଥିଲା। ଏହି କ୍ରମରେ ଲୋକଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା। ତେବେ ୨୪ ତାରିଖ ଅପରାହ୍ନ ପ୍ରାୟ ୧ଟା ବେଳେ ଟିକେଟ କାଉଣ୍ଟର ଠାରେ ଟିକେଟ ସୋଲ୍ଡ ଆଉଟ୍ ପୋଷ୍ଟର ଲଗାଯାଇ ଥିଲା। ସେଥିରେ ୨୪ ଓ ୨୫ ତାରିଖ ଦୁଇ ଦିନ ଉଲ୍ଲେଖ ରହିଥିଲା।

### ■ ଅଧିକ ଜାତୀୟ ପତାକା

ଗ୍ୟାଲେରୀରେ ବସିଥିବା ଦର୍ଶକଙ୍କ ମଧ୍ୟରେ ପୂର୍ବଦିନ ଠାରୁ ଆଜି ଜାତୀୟ ପତାକା ଅଧିକ ରହିଥିବା ଦେଖିବାକୁ ମିଳିଥିଲା। ବଡ଼, ମଧ୍ୟମ ଓ ଛୋଟ ସାଇଜର ଜାତୀୟ ପତାକା ଲୋକେ ଧରି ପ୍ରଦର୍ଶନ କରିଥିଲେ।













## ଅଜଣା ଗାଡ଼ି ଧକ୍କାରେ ସାଇକଲ ଆରୋହୀ ମୃତ

**ସୁନ୍ଦରଗଡ଼, ୨୫।୨(ସମିସ):** ରବିବାର ସନ୍ଧ୍ୟାରେ ୧୦ ନମ୍ବର ରାଜ୍ୟ ରାଜପଥର ସୁନ୍ଦରଗଡ଼ ସଦର ଥାନା ଅଧୀନ କନ୍ଦାବାହାଲ ନିକଟରେ କୌଣସି ଏକ ଗାଡି ଧକ୍କାରେ ଜଣେ ସାଇକଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ଲେଫ୍ରିପଡ଼ା ଥାନା ଅଧୀନ ଅଉଁଲାବାହାଲ ଗ୍ରାମର ବାବୁଲୁ ବେହେରା କାମ କରି ସନ୍ଧ୍ୟାରେ ଘରକୁ ଫେରୁଥିବା ବେଳେ ଉକ୍ତ ଅଘଟଣ ଘଟିଛି। ଖବର ପାଇ ପୁଲିସ ମୃତଦେହ ଜବତ କରି ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଶବାଗାରରେ ସଂରକ୍ଷିତ ରଖାଇଛି। ସୋମବାର ବ୍ୟବଚ୍ଛେଦ ହେବ ବୋଲି ପୁଲିସ କହିଛି।

## ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ବଦଳି ଦାବି

**ସୁନ୍ଦରଗଡ଼, ୨୫।୨(ସମିସ):** ସୁନ୍ଦରଗଡ଼ ସଦର ବ୍ଲକ ସରକାରୀ ନିର୍ବାହୀ ଯନ୍ତ୍ରୀଙ୍କ ବଦଳି ପାଇଁ ଦାବି ହୋଇ ଆସୁଥିଲେ ହେଁ ଏଥିପ୍ରତି ପ୍ରଶାସନ ସମ୍ପୂର୍ଣ୍ଣ ଆଖିବୁଜି ଦେବା ଘଟଣାକୁ ନେଇ ଅସନ୍ତୋଷ କୁହୁଳିବାରେ ଲାଗିଛି। ଗତ ଡିସେମ୍ବର ୩ ତାରିଖରେ ସୁନ୍ଦରଗଡ଼ ଜିଲ୍ଲା ପରିଷଦ ଅଧକ୍ଷା କୁନ୍ତୀ ପ୍ରଧାନ ସମ୍ପୃକ୍ତ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ବିରୋଧରେ କେତେକ ଗୁରୁତର ଅଭିଯୋଗ ଆଣି '୫-ଟି' ଓ ଆମ ଓଡ଼ିଶା ନବୀନ ଓଡ଼ିଶା ଅଧକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଠାରେ ଲିଖିତ ଅଭିଯୋଗ କରିଥିଲେ। ଏପରିକି ସେ ସମ୍ପୃକ୍ତ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ଅନ୍ୟତ୍ର ବଦଳି କରିବାକୁ ଦାବି ଜଣାଇ ଥିଲେ। ତେବେ ଉକ୍ତ ଅଭିଯୋଗର ତିନିମାସ ପରେ ବି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଫଳରେ ଏହି ନିର୍ବାହୀଯନ୍ତ୍ରୀଙ୍କ ମନୋମୁଖୀ କାର୍ଯ୍ୟ ସମ୍ପ୍ରତି ଚରମ ସୀମାରେ ପହଚିଛି। ତାଙ୍କ ସ୍ୱେଚ୍ଛାଚାରିତାରେ ଅଧସ୍ତନ କନିଷ୍ଠ ଯନ୍ତ୍ରୀ, ଠିକାଦାର, ହିଧିକାରୀମାନେ ମଧ୍ୟ ଅତିଷ୍ଠ ହୋଇ ପଡ଼ିଲେଣି। ସେ କୁଆଡେ କେବେ କ୍ଷେତ୍ର ପରିଦର୍ଶନ କରୁ ନ ଥିବା ବେଳେ ୨ ପ୍ରତିଶତ ପିସି ଦାବି କରୁଛନ୍ତି। ଏ ସ୍ଥିତିରେ ଉନ୍ନୟନ କାର୍ଯ୍ୟ ନିମ୍ନମାନ ହେଉଥିବା ବେଳେ ବାଧା ମଧ୍ୟ ସୃଷ୍ଟି ହେଉଛି। ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ତାଙ୍କୁ ତୁରନ୍ତ ବଦଳି କରିବାକୁ ଦାବି ହେଉଛି।

## ଅବସରପ୍ରାପ୍ତ ଶିକ୍ଷକଙ୍କ ବିୟୋଗରେ ଶୋକ



**ରାଉରକେଲା, ୨୫।୨(ସମିସ):** ରାଉରକେଲା ଇସ୍ପାତ କାରଖାନା ପରିଚାଳିତ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଅକ୍ଷୟ କୁମାର ଶତପଥୀଙ୍କ ୯୫ ବର୍ଷ ବୟସରେ ପରଲୋକ ହୋଇଯାଇଛି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ସ୍ତ୍ରୀ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି ନାତୁଣୀ ଉପସ୍ଥିତ ଥିଲେ। ବେଦବ୍ୟାସ ଶ୍ମଶାନ ଘାଟରେ ଅନ୍ତିମ ସଂସ୍କାର କରାଯାଇଥିଲା। ମଝିଆ ପୁଅ ଆଦିତ୍ୟ ମୁଖାଗ୍ନି ଦେଇଥିଲେ। ଏହି କ୍ରମରେ ଅବସରପ୍ରାପ୍ତ ଇସ୍ପାତ କାରଖାନା ଶିକ୍ଷକ ସଂଘର ସଭାପତି ଅନ୍ତର୍ଯ୍ୟାମୀ ସାହୁଙ୍କ ଅଧ୍ୟକ୍ଷତାରେ ଏକ ଶୋକସଭା କରାଯାଇ ଦିବଂଗତ ଆତ୍ମାର ସଦଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ଶୋକ ସନ୍ତପ୍ତ ପରିବାର ପ୍ରତି ସମବେଦନା ଜ୍ଞାପନ କରାଯାଇଛି। ମଧୁସୂଦନ ବଳ, ଉଦୟ କୁମାର ସାହୁ, ସୋମନାଥ ଲେଙ୍କା, ଦେବକାନ୍ତ ମହାପାତ୍ର, ସୁଧାକର ରଥ, ନିଶାକର ନାୟକ, ଭାଗୀରଥି ପ୍ରଧାନ ଉପସ୍ଥିତ ଥିଲେ।

## ୧୯୮୮ ବ୍ୟାଚ୍‌ର ବନ୍ଧୁମିଳନ



**ରାଉରକେଲା, ୨୫।୨(ସମିସ):** ସେକ୍ଟର-୧୯ ଇସ୍ପାତ ବିଦ୍ୟାମନ୍ଦିର ୧୯୮୮ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦେଶ ତଥା ବିଦେଶରେ ରହୁଥିବା ପୁରାତନ ଛାତ୍ରଛାତ୍ରୀମାନେ ଏକାଠି ହୋଇ ଅତୀତର ସ୍ମୃତିଚାରଣ କରିଥିଲେ। ପ୍ରଦୀପ ପ୍ରଧାନ, ପ୍ରଶାନ୍ତ ପାତ୍ର, ପ୍ରକାଶ ଜେନା, ରାଜେନ୍ଦ୍ର ବିଷୋୟୀ, ଦୀପଙ୍କର କୁଣ୍ଡୁ, ପ୍ରତାପ ଚନ୍ଦ୍ର ପ୍ରଧାନ, ଜ୍ୟୋତିପ୍ରକାଶ ଶତପଥୀ, ପି. ପୁଷ୍ପାରାଓ, ଅର୍ଚ୍ଚନା ପଟ୍ଟନାୟକ, ଶୁଭଶ୍ରୀ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏଥିରେ ୩୦ରୁ ଅଧିକ ପୁରାତନ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଏହି ଅବସରରେ ଏକ ପ୍ରତିନିଧି ଦଳ ଇସ୍ପାତ ବିଦ୍ୟା ମନ୍ଦିର ପରିଦର୍ଶନ କରିବା ସହ ଅଧ୍ୟକ୍ଷ ଓ ଶିକ୍ଷକଶିକ୍ଷୟିତ୍ରୀଙ୍କ ସହ ଆଲୋଚନା କରିଥିଲେ।



## ଉତ୍କଳ ତୈଳିକ ସମାଜ ବୈଠକ



**ସୁନ୍ଦରଗଡ଼, ୨୫।୨(ସମିସ):** ବଡ଼ଗାଁ ବ୍ଲକ ଅନ୍ତର୍ଗତ ସାଲେପାଲି ଗ୍ରାମରେ ରବିବାର ଉତ୍ତର ଉତ୍କଳ ତୈଳିକ ସମାଜ ସାଲେପାଲି ଗ୍ରୁପ୍‌ର ବୈଠକ ଅନୁଷ୍ଠିତ ହୋଇଛି। ସମାଜର ବରିଷ୍ଠ କର୍ମକର୍ତ୍ତା ଲବଣୀଧର ଦାନି ଏଥିରେ ଅଧ୍ୟକ୍ଷତା କରି ସମାଜର ନୀତି ନିୟମ ମାନି ଚାଲିବା ଓ ସମାଜକୁ ଉନ୍ନତ ରୁ ଉନ୍ନତ୍ତର କରିବାରେ ସମସ୍ତ ସାମାଜିକ ବ୍ୟକ୍ତିଙ୍କ ସହଯୋଗ ଆବଶ୍ୟକ ବୋଲି ପରାମର୍ଶ ଦେଇ ଥିଲେ। ବୈଠକରେ ସମାଜର ବରିଷ୍ଠ ସଦସ୍ୟମାନେ ସମାଜ ସଂଗଠନ, ଶିକ୍ଷା, ସାମାଜିକ ଚଲଣି, କୁସଂସ୍କାର ଦୂରୀକରଣ ଉପରେ ଆଲୋଚନା କରିଥିଲେ। ସାଲେପାଲି ଗ୍ରୁପ୍ ଅଧୀନ କଣ୍ଟିଆମୁରା, ବରପାଲି, ଟାବୁରୀ, ଛାମୁଣ୍ଡା, କୁତ୍ରା ବ୍ଲକର ପୁର୍କାପାଲି ଗ୍ରାମର ସାମାଜିକ କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ଆଲୋଚନା ପରେ ନୂତନ କମିଟି ଗଠନ କରାଯାଇଥିଲା। ସର୍ବସମ୍ମତି କ୍ରମେ ପୁରୁଷୋତ୍ତମ ସାହୁଙ୍କୁ ସଭାପତି ଭାବେ ଚୟନ କରା ଯାଇଥିଲା। ଉପସଭାପତି ଭାବେ ଜେନାମଣି ସା, ସମ୍ପାଦକ ଭାବେ ଲମ୍ବୋଦର ବେହେରା ଓ କୋଷାଧ୍ୟକ୍ଷ ଭାବେ ହୃଦାନନ୍ଦ ସା ମନୋନୀତ ହୋଇଛନ୍ତି।। ଶିକ୍ଷା କମିଟିରେ ଦେବେନ୍ଦ୍ର ସାହୁ, ଏକଲବ୍ୟ ସାହୁ ଓ ପ୍ରେମଶିଳା ସାହୁଙ୍କୁ ମନୋନୀତ କରାଯାଇଛି। ଦେବେନ୍ଦ୍ର ସାହୁ ସଭାପତିତ୍ୱ କରିଥିବାବେଳେ ନୀଳକଣ୍ଠ ସାହୁ ମଞ୍ଚ ପରିଚାଳନା କରିଥିଲେ।

## ସେକ୍ଟର - ୧ ଏଫ୍ ବ୍ଲକ୍‌ରେ ବସ୍ତିକୁ ଚାଲ ଅଭିଯାନ



**ରାଉରକେଲା, ୨୫।୨(ସମିସ):** ରବିବାର ସେକ୍ଟର - ୧ ଏଫ୍‌ବ୍ଲକ ରେ ଆସ ବସ୍ତିକୁ ଯିବା ଅଭିଯାନ ଆୟୋଜିତ ହୋଇଥିଲା। ରଘୁନାଥପାଲୀ ବିଧାନସଭା ନିର୍ବାଚନମଣ୍ଡଳୀର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ସେଠୀଙ୍କ ନେତୃତ୍ୱରେ ଆୟୋଜିତ ହୋଇ ଆସୁଥିବା ଏହି ଅଭିଯାନ କ୍ରମଶଃ ଲୋକାଦୃତ ହେବା ସହ ବସ୍ତି ଅଞ୍ଚଳରେ ବସ୍ତିବାସିନ୍ଦା ସେମାନଙ୍କ ଅଧିକାର ବିଷୟରେ ସଚେତନ ହେବା ସହ ବସ୍ତିର ବିଭିନ୍ନ ସମସ୍ୟା ବିଷୟରେ ଅଭିଯୋଗ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଜନସାଧାରଣଙ୍କ ପାଖରେ ଶ୍ରୀ ସେଠୀ ପହଁଞ୍ଚି ଘର ଘର ବୁଲି ଅଞ୍ଚଳର ଥିବା ସାମାଜିକ ଏବଂ ବ୍ୟକ୍ତିଗତ ସମସ୍ୟା ବାବଦରେ ଅବଗତ ହୋଇଥିଲେ। ପ୍ରଶାନ୍ତ ସେଠୀ ରଘୁନାଥପଲ୍ଲୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସେକ୍ଟର-୧ ଏଫ ବ୍ଲକ ବସ୍ତି ଅଞ୍ଚଳରେ ପହଁଞ୍ଚି ପ୍ରତ୍ୟେକ ଘର ଘର ବୁଲି ଥିଲେ। ଉକ୍ତ ଅଞ୍ଚଳରେ ରହୁଥିବା ବୃଦ୍ଧ, ବୃଦ୍ଧା, ବିଧବା, ଭିନ୍ନକ୍ଷମ ପାଇଁ ସରକାରଙ୍କ ପକ୍ଷରୁ ରହିଥିବା ବିଭିନ୍ନ ଯୋଜନା ଏବଂ ସରକାରଙ୍କ ସହାୟତା ଉଚିତ ସମୟରେ ହିତାଧିକାରୀ ପାଖରେ ପହଁଚିପାରୁଛି କି ନାହିଁ ପଚାରି ବୁଝିଥିଲେ। ଏହି କାର୍ଯ୍ୟକ୍ରମରେ ଧର୍ମାନନ୍ଦ ବିଶ୍ୱାଳ, ଚଞ୍ଚଳା ସାମଲ, ସୁଚିତ୍ରା ବାରିକ, ସସ୍ମିତା ପାତ୍ର, ସଞ୍ଜୟ ପତ୍ରୀ, ଯୋଗୀନାଥ ଗୋଛି, ବିଜୟ ପାତ୍ର, ରମେଶ ବାରିକ, ବାବୁ ମହାନ୍ତି, ସରୋଜ ନାୟକ, ସୁବାଷ କଂସାରୀ, ଦେବକାନ୍ତ ନାୟକ, ବିଶ୍ୱ ରଞ୍ଜନ ରାଉତ, ରାବି ରାଏ ଏବଂ ଅନ୍ୟ ଯୁବବନ୍ଧୁ ମାନେ ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହ





● ପୁରସ୍କୃତ ହେଲେ ୨୭୩୨ ଜଣ

ସୁନ୍ଦରଗଡ଼, ୨୫।୨(ସମିସ)

ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟ ଖେଳ ପଡ଼ିଆରେ ରବିବାର ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହ ଅନୁଷ୍ଠିତ ହୋଇଛି। ଜିଲ୍ଲା ଶିକ୍ଷାଧିକାରୀ ଅମୂଲ୍ୟ କୁମାର ପଧାନଙ୍କ ଅଧକ୍ଷତାରେ ଆୟୋଜିତ ଉକ୍ତ ସମାରୋହକୁ ଶ୍ରମ ଓ ନିୟୋଜକ ମନ୍ତ୍ରୀ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି ଭାବେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ ଏହା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଯୁଗାନ୍ତକାରୀ ପରିକଳ୍ପନା ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲାପରିଷଦ ଅଧକ୍ଷା କୁନ୍ତୀ ପ୍ରଧାନ, ସୁନ୍ଦରଗଡ଼ ପୌରାଧକ୍ଷା ତନୟା ମିଶ୍ର, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ସାହୁ, ପ୍ରାକ୍ତନ ଜିଲ୍ଲା ଶିକ୍ଷାଧିକାରୀ ତଥା ଅତିରିକ୍ତ ନିର୍ଦ୍ଦେଶକ ରଞ୍ଜନ କୁମାର ଗିରି, ଜିଲ୍ଲା ପ୍ରଶିକ୍ଷଣ କେନ୍ଦ୍ର ଅଧକ୍ଷା ଶସ୍ମିତା ନାଏକଙ୍କ ସମେତ ୧୭ ଟି ବ୍ଲକର ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସାରଙ୍ଗଧର ବରିହା ପ୍ରମୁଖ ଯୋଗ ଦେଇଥିଲେ। ଅତିଥିଙ୍କ ଦ୍ୱାରା ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରା ଯାଇଥିଲା। ଏଥିରେ ୧୧ ଟି ଗ୍ରାମ ପଞ୍ଚାୟତ, ୧୪ ଟି ଆଲୁମିନି କମିଟି, ୧୮ ଟି ବିଦ୍ୟାଳୟ ପରିଚାଳନା କମିଟି, ୯ ଟି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ, ୧୮ ଟି ପ୍ରାଥମିକ ବିଦ୍ୟାଳୟକୁ ମୁଖ୍ୟମନ୍ତ୍ରୀ ପୁରସ୍କାର ସମେତ ୬୮୯ ଛାତ୍ର ନେତା, ୧୭୩୨ଟି ବ୍ଲକ ସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଓ ୧୪୦ ଜଣ ଛାତ୍ର ଛାତ୍ରୀଙ୍କୁ ଜିଲ୍ଲା ସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମେତ ମୋଟ ୨୭୩୨ ଜଣଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି। ସ୍ୱାଗତିକା ପଣ୍ଡା ଓ ବିଭୀଷଣ ବାରିକ ଏହାକୁ ସଂଯୋଜନା କରିଥିବା ବେଳେ ଜିଲ୍ଲା ପ୍ରଶିକ୍ଷଣ କେନ୍ଦ୍ର ଅଧକ୍ଷା ସସ୍ମିତା ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ଚନ୍ଦ୍ରସେଖର ସା ଓ ଚନ୍ଦ୍ର ଶେଖର ସାହୁଙ୍କ ସମେତ ଜିଲ୍ଲାର ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ବହୁ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ, ମ୍ୟୁନିସିପାଲ ହାଇସ୍କୁଲ ଓ ବିଏସ୍ ହାଇସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ର ଛାତ୍ରୀ, ଏନସିସି ଗାଇଡ଼ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିଏସ୍ ହାଇସ୍କୁଲ, କୁତ୍ରା ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟ, ଦେଓକରଣପୁର ଆଶ୍ରମ ସ୍କୁଲ ଦ୍ୱାରା ପ୍ରସ୍ତୁତ ସାଂସ୍କୃତିକ କାର୍ଯ୍ୟକ୍ରମ ସମସ୍ତଙ୍କ ମନ ମୋହିଥିଲା।

## ପାମରା ଗ୍ରାମରେ ୧୦୮ କୁଣ୍ଡୀୟ ବିଶ୍ୱଶାନ୍ତି ବୈଦିକ ମହାଯଜ୍ଞ

**ସୁନ୍ଦରଗଡ଼, ୨୫।୨(ସମିସ):** ଭାରତୀୟ ନବଜାଗରଣର ପୁରୋଧା ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ଜନ୍ମ ଦ୍ୱିଶତ ବାର୍ଷିକିକୁ ଜ୍ଞାନଜ୍ୟୋତି ପର୍ବ ଭାବେ ସମଗ୍ର ଦେଶରେ ପାଳିତ ହେଉଛି। ଏ ପରିପ୍ରେକ୍ଷୀରେ ପାମରା ଗ୍ରାମର ବେଦ ପ୍ରଚାର ସମିତି ତରଫରୁ ସ୍ଥାନୀୟ ଲକ୍ଷ୍ମୀ ମଣ୍ଡପଠାରେ ୧୦୮ କୁଣ୍ଡୀୟ ବିଶ୍ୱଶାନ୍ତି ବୈଦିକ ମହାଯଜ୍ଞ ପାଳିତ ହୋଇଛି। ଏହି ମହାଯଜ୍ଞରେ ଶ୍ରୁତିନ୍ୟାସର ଅଧକ୍ଷ ପୂଜ୍ୟ ସ୍ୱାମୀ ସୁଧାନନ୍ଦ ସରସ୍ୱତୀ ଯୋଗ ଦେଇଥିଲେ। ତଳସରା ବିଧାୟକ ଭବାନୀଶଙ୍କର ଭୋଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଗାୟତ୍ରୀ ପାଣିଗ୍ରାହୀ ଓ ସ୍ନେହଲତା ବେହେରା ଯଜ୍ଞ ସଞ୍ଚାଳନ କରିଥିଲେ। ଏହି ଅବସରରେ ପାମରା ଗ୍ରାମର ଭଗବାନ ବାରିକ୍‌ଙ୍କ ଦ୍ୱାରା ରଚିତ 'ସତ୍ୟାର୍ଥ ପ୍ରକାଶ ଜାଣିବା' ପୁସ୍ତକର ଉନ୍ମୋଚିତ କରାଯାଇଥିଲା। ପାମରା ଗ୍ରାମ ବେଦ ପ୍ରଚାର ସମିତି ର ସମ୍ପାଦକ ଗଣେଶ ବାରିକ୍ ମଞ୍ଚ ପରିଚାଳନା କରିଥିଲେ। ବେଦ ପ୍ରଚାର ସମିତି ପାମରା ଓ ସୃତିନ୍ୟାସ ରାଉରକେଲାର ସଦସ୍ୟ ମାନଙ୍କ ସହଯୋଗ ସହିତ ପୂର୍ଣ୍ଣଚନ୍ଦ୍ର ରାଉତ, ଶିବ ଶଙ୍କର ଖିଲାରୀ, ବିଭୀଷଣ ବାରିକ୍, ଆଚାର୍ଯ୍ୟ ବେଦପ୍ରକାଶ ଓ ଗ୍ରାମବାସୀଙ୍କ ସହଯୋଗରେ ମହାଯଜ୍ଞ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ସମ୍ପନ୍ନ ହୋଇଥିଲା। ମହାଯଜ୍ଞରେ ଅଞ୍ଚଳର ୧୦୮ ଦମ୍ପତି କର୍ତ୍ତା ସାଜି ଥିଲେ।




## ଧ୍ୱଂସ ହେଲା ପରିତ୍ୟକ୍ତ ସ୍କୁଲ କୋଠା



**ହେମଗିରି, ୨୫।୨(ସମିସ):** ହେମଗିରି ହରିଜନପଡ଼ା ସ୍ଥିତ ବିପଦସଙ୍କୁଳ ପୁରୁଣା ସ୍କୁଲ ଗୃହ ଯାହାକି ଅସାମାଜିକ ଯୁବକଙ୍କ ଆଡ୍ଡାସ୍ଥଳି ପାଲଟିଥିଲା। ତାହା ଶନିବାର ଦିନ ପଞ୍ଚାୟତ ସମିତି ମୁଖ୍ୟଙ୍କ ନିର୍ଦ୍ଦେଶ କ୍ରମେ ଧ୍ୱଂସ କରାଯାଇଛି। ହେମଗିରି ହରିଜନ ପଡ଼ାବାସୀଙ୍କ ବହୁ ଦିନରୁ ଅନୁରୋଧ କରିଥିଲେ ଯେ ପୁରୁଣା ସ୍କୁଲ ବନ୍ଦ ହୋଇଯିବା ପରେ ଅସାମାଜିକ ଯୁବକଙ୍କ ଆଡ୍ଡାସ୍ଥଳୀ ପାଲିଟିଯାଇଛି। ଶୀଘ୍ର ସାମାଜିକ କୀର୍ତ୍ତନ ମଣ୍ଡପ ସାଙ୍ଗକୁ ପ୍ରସାଦ ପ୍ରସ୍ତୁତି ଗୃହ ନିର୍ମାଣ କରିଦିଆଯାଉ।

## କୁଣ୍ଡୁକେଲାରେ ଜଙ୍ଘା ଯାତ୍ରା ମହୋତ୍ସବ



**ସୁନ୍ଦରଗଡ଼, ୨୫।୨(ସମିସ):** କୁଣ୍ଡୁକେଲା ଷଡ଼ ବଂଶୀୟ ଗୁଡି ଆନୁକୂଲ୍ୟରେ ବଡଦେଓ କଲ୍ୟାଣ ମଣ୍ଡପ ଠାରେ ରବିବାର ଫଚବିଂଶ ବାର୍ଷିକ ପୂଜା ଓ ଜଂଘା ଯାତ୍ରା ମହୋତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଏହି ଅବସରରେ କଳସ ଯାତ୍ରା କରା ଯାଇଥିଲା। ଏହା ପରେ ଗଣ୍ଡ ସମାଜର ଆରାଧ୍ୟ ଦେବତା ଜଙ୍ଘା ବଡଦେଓଙ୍କ ପୂଜାର୍ଚ୍ଚନା କରାଯାଇ ମଧ୍ୟାହ୍ନ ୧୨ ଟାରେ ପ୍ରସାଦ ସେବନ କରା ଯାଇଥିଲା। ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ନାଟକ 'ବୀର ସୁରେନ୍ଦ୍ର ସାଏ' ମଞ୍ଚସ୍ଥ ହୋଇଛି। ଜଙ୍ଘାବଡ଼ ଦେଓ ପୂଜା କମିଟିର ସଭାପତି ଲଳିତ ମୋହନ ପ୍ରଧାନ, ଉପ ସଭାପତି ଜଗଦୀଶ କୁମୁରା, ସମ୍ପାଦକ ମୁନିନ୍ଦ୍ର ମାଝୀ, କୋଷାଧକ୍ଷ ମୁକୁନ୍ଦ ନାଏକ, ଗ୍ରାମ୍ୟ କମିଟି ସଭାପତି ଇନ୍ଦ୍ରଜିତ ନାଏକ, ଭୀମସେନ ନାଏକ, ଉଦିତ ନାଏକ, ମେଘନାଦ କୁମୁରା, ମୋହନ ଚନ୍ଦ୍ର ନାଏକ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଏହା ଆୟୋଜିତ ହୋଇଛି।

## ତୃଣମୂଳସ୍ତରରେ ଖେଳାଳି ଚିହ୍ନଟ ପ୍ରକ୍ରିୟା ଉଦ୍‌ଯାପିତ




**ବାଲିଶଙ୍କରା, ୨୫।୨(ସମିସ):** ଝାରସୁଗୁଡା ୨ୟ ବାଟାଲିୟନ ଫୁଟବଲ ଖେଳପଡ଼ିଆରେ ଚାଲିଥିବା ୫- ୧୨ ବର୍ଷ ପର୍ଯ୍ୟନ୍ତ ଖେଳାଳି ଚିହ୍ନଟ ପ୍ରକ୍ରିୟା ଓଡ଼ିଶା ପୁଲିସ ଭେଟେରାନ ଫୁଟବଲ ଖେଳାଳି ଓ ଫାଓ ତରଫରୁ ଅନୁଷ୍ଠିତ ହୋଇଯାଇଛି। ଦୁର୍ଗପତି ଭାନି ଶଙ୍କର ସେଠଙ୍କ ତତ୍ତ୍ୱାବଧାନରେ ଚାଲିଥିବା ୨ୟ ଓଡ଼ିଶା ପୁଲିସ ଫୁଟବଲ ଆସୋସିଏସନରେ ଉଦ୍‌ଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ଝାରସୁଗୁଡା ଜିଲ୍ଲା କ୍ରୀଡ଼ା ସଂସଦ ତାପସ ରାଏ ଯୋଗଦେଇ ଥିଲେ। ତୃଣମୂଳସ୍ତରରେ ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବାକୁ ଓଡ଼ିଶା ପୁଲିସ ଭେଟେରାନ ଫୁଟବଲ ଖେଳାଳି ଆସୋସିଏନର ପ୍ରୟାସ ଜାରି ରହିଛି ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ଝାରସୁଗୁଡା ଜିଲ୍ଲାର ରେଫରୀ ତଥା କ୍ରୀଡ଼ା ସମୀକ୍ଷକ ଗଣେଶ ନାଏକ, ହକି ସିଏନସି ପଥ ପ୍ରଦର୍ଶକ ଜୀବନ୍ତ ମହାନ୍ତି ପ୍ରମୁଖ ଯୋଗଦେଇ ଥିଲେ। ଏଥିରେ ୬୦ରୁ ଊର୍ଦ୍ଧ୍ୱ ଯୁବକ ଯୁବତୀ ଅଂଶଗ୍ରହଣ କରିଥିଲେ।

## ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କର ବାର୍ଷିକ ସାଧାରଣ ସଭା




**ସୁନ୍ଦରଗଡ଼, ୨୫।୨(ସମିସ):** ସୁନ୍ଦରଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କର ୬୭ ତମ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇ ଯାଇଛି। ବ୍ୟାଙ୍କ ସମ୍ମିଳନୀ କକ୍ଷରେ ବ୍ୟାଙ୍କ ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀଙ୍କ ସଭାପତିତ୍ୱ କରିଥିଲେ। ବ୍ୟାଙ୍କର ସଭାପତି ତାଙ୍କ ଅଭିଭାଷଣ ରଖିବା ପରେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମୂଲ୍ୟାନନ୍ଦ ମହାନ୍ତି ଗତ ବାର୍ଷିକ ସଭା ବୈଠକ ବିବରଣୀ ସହ ବ୍ୟାଙ୍କର ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ। ଏହା ଉପରେ




ରଖିଥିବା ବେଳେ ବ୍ୟାଙ୍କ ଉପ ସଭାପତି କାମିନୀ ମହାପାତ୍ର, ନନ୍ଦଲାଲ ଅଗ୍ରୱାଲ, ଚାଟାର୍ଡ ଆକାଉଣ୍ଟାଣ୍ଟ, ବ୍ୟାଙ୍କ ପରିଚାଳନା ପରିଷଦର ସମସ୍ତ ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ। ବ୍ୟାଙ୍କର ବିସ୍ତୃତ ଭାବରେ ଆଲୋଚନା ପର୍ଯ୍ୟାଲୋଚନା ପରେ ସର୍ବସମ୍ମତି କ୍ରମେ ପାରିତ ହୋଇଥିଲା। ଗତବର୍ଷ ବ୍ୟାଙ୍କ୍ ଲାଭ କରିଥିବା ଅର୍ଥରୁ ତାର ଲାଭାଂଶ ଡିଭିଡେଂଟ ଭାବେ ପ୍ରଦାନ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ସୁନ୍ଦରଗଡ଼ ଜିଲ୍ଲା ଉପ ନିବନ୍ଧକ ଉମାଶଙ୍କର ଦାସଙ୍କ ସମେତ ଆରସିଏମଏସ ସଭାପତି ବିମଳ କୁମାର ପଟେଲ, ବଡଗାଁ ଲ୍ୟାମ୍ପସ ସଭାପତି ଭୁଲ୍ ଥେବେରିଆ, ସାହାଜବାହାଲ ଲ୍ୟାମ୍ପସ ସଭାପତି ମିତ୍ର କିଶାନ, ଜର୍ଡା ଲ୍ୟାମ୍ପସ ସଭାପତି ହିରାମଣୀ ଓରାମ, ହାତିବାରି ଲ୍ୟାମ୍ପସ ସଭାପତି ସାଧିନି ଖାଖା ପ୍ରମୁଖ ନିଜ ମତାମତ ଝରଣା ତାଜନଙ୍କ ନେତୃତ୍ୱରେ ପ୍ରାରମ୍ଭିକ ସ୍ୱାଗତ ସମ୍ଭାଷଣ ପ୍ରଦାନ କରାଯାଇଥିଲା। ବ୍ୟାଙ୍କର ଅନ୍ୟତମ ନିର୍ଦ୍ଦେଶକ ଜଟିଆ ମୁଣ୍ଡା ଧନ୍ୟବାଦ ଦେଇଥିଲେ। ହେମନ୍ତ କୁମାର ମହାପାତ୍ର, ତପନ ପଧାନ, ଦିଲ୍ଲୀପ କୁମାର ଦେବତା, ବିଜୟ କୁମାର ପଣ୍ଡା, ଅମିତ ଓଟା, କିରଣ ସୋରେଙ୍ଗ, ସୁଶାନ୍ତ ଏକ୍କା, ଅଜୟ କୁମାର ପଣ୍ଡିତ, ଦିଲୀପ କୁମାର ଶର୍ମା, ଶ୍ରୀକାନ୍ତ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିବାରେ ସହାୟତା କରିଥିଲେ। ଏଥିରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ୧୦୦ ରୁ ଊର୍ଦ୍ଧ୍ୱ ସଭ୍ୟସଭ୍ୟା ଯୋଗ ଦେଇଥିଲେ।

### ରଜକ ସେବା ସଂଘର ଜିଲ୍ଲା କମିଟି ବୈଠକ

## ପୂର୍ବତନ କେନ୍ଦ୍ରୀୟ ସଭାପତିଙ୍କୁ ଶ୍ରଦ୍ଧାଞ୍ଜଳି



**ସୁନ୍ଦରଗଡ଼, ୨୫।୨(ସମିସ):** ଉଷ୍ମା ସ୍ଥିତ ରଜକ ସେବା ସଂଘ ପରିସରରେ ସଂଘର ସୁନ୍ଦରଗଡ଼ ଜିଲ୍ଲା କମିଟି ବୈଠକ ରବିବାର ଅନୁଷ୍ଠିତ ହୋଇଛି। ସଂଘର ଜିଲ୍ଲା କମିଟି ସଭାପତି ପ୍ରତାପ କୁମାର ବେଜୀଙ୍କ ଅଧକ୍ଷତାରେ ଏବଂ ସମ୍ପାଦକ କୁଳଦୀପ ସେଠଙ୍କ ସଂଯୋଜନାରେ ବୈଠକ ହୋଇଥିଲା। ପୂଜାର୍ଚ୍ଚନା ପରେ ଇତିମଧ୍ୟରେ ଇହଧାମ ତ୍ୟାଗ କରିଥିବା ଭୂତପୂର୍ବ କେନ୍ଦ୍ରୀୟ ସଭାପତି ତଥା ସମ୍ବଲପୁର ଜିଲ୍ଲା କମିଟି ସଭାପତି ରୂପଧର ସେଠଙ୍କ ବିୟୋଗରେ ଶୋକସଭା କରା ଯାଇଥିଲା। ବକ୍ତାମାନେ ରୂପଧର ବାବୁଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ। ଏହାପରେ ସାମାଜିକ ସଂଗଠନ ଉପରେ ଆଲୋଚନା ହୋଇଥିଲା। ନିଷ୍କ୍ରିୟ ହୋଇ ରହିଥିବା ଆଞ୍ଚଳିକ କମିଟି ଗୁଡିକୁ ସକ୍ରିୟ କରିବା ସକାଶେ ନିଷ୍ପତ୍ତି ନିଆ ଯାଇଥିଲା। ଆସନ୍ତା ମାର୍ଚ୍ଚ ୨୪ ତାରିଖରେ ନୂଆପଡ଼ା ଜିଲ୍ଲା ମହକୁମାରେ ହେବାକୁ ଥିବା ରଜକ ସେବା ସଂଘର ବାର୍ଷିକ ସମ୍ମିଳନୀ-୨୦୨୪ର ସଫଳତା ଉପରେ ଗୁରୁତ୍ୱାରୋପ କରା ଯାଇଥିଲା। ସମସ୍ତ ରଜକ ପରିବାରରୁ ଏକ ଶହ ଟଙ୍କା ଲେଖାଏଁ ସଂଗ୍ରହ କରାଯାଇ ସମ୍ମିଳନୀର ନୂଆଁପଡ଼ା ଅଭ୍ୟର୍ଥନା କମିଟିକୁ ପ୍ରଦାନ କରିବାକୁ ନିଷ୍ପତ୍ତି ନିଆଯାଇଛି। ବଦାନ୍ୟ ବକ୍ତିମାନେ ୧୦ ହଜର ଟଙ୍କା ଦାନ କରିବାକୁ ଘୋଷଣା କରିଥିଲେ। ପ୍ରତ୍ୟେକ ରଜକ ପରିବାରରେ ନିମନ୍ତ୍ରଣ ପତ୍ର ପହଞ୍ଚାଇବା ପାଇଁ ଆଞ୍ଚଳିକ କମିଟି ମାନଙ୍କୁ ଦାୟିତ୍ୱ ଦିଆ ଯାଇଥିବାବେଳେ ନବ ଗଠିତ ରାଉରକେଲା ଆଞ୍ଚଳିକ କମିଟି କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରା ଯାଇଥିଲା। କେନ୍ଦ୍ରୀୟ କମିଟି ସମ୍ପାଦକ ଜୟକୃଷ୍ଣ, କୋଷାଧକ୍ଷ ଅଭିନ ସେଠ, ପୂର୍ବତନ କେନ୍ଦ୍ରୀୟ ସଭାପତି କ୍ଷୀରୋଦ ଚନ୍ଦ୍ର ସେଠ ପ୍ରମୁଖ ନିଜ ବକ୍ତବ୍ୟ ରଖି ଦିଗଦର୍ଶନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କମିଟି ଉପଦେଷ୍ଟା ରାଜେନ୍ଦ୍ର ସେଠ ଓ ଶଙ୍କରସେଠ, ସହ ସମ୍ପାଦକ କ୍ଷୀରୋଦ ସେଠ, କୋଷାଧକ୍ଷ ସାଧୁଚରଣ ସେଠ, ଲେଫ୍ରିପଡ଼ା ଆଞ୍ଚଳିକ କମିଟି ସଭାପତି ଭକ୍ତରାମ ସେଠ, ସମ୍ପାଦିକା ସୁକାନ୍ତି ସେଠ, କୋଷାଧକ୍ଷ ଅଞ୍ଜନା ସେଠ, ମାୟବାହାଲ ଆଞ୍ଚଳିକ କମିଟି ସମ୍ପାଦକ ସତ ସେଠ, ବନ୍ଧବାହାଲ ଆଞ୍ଚଳିକ କମିଟି ସମ୍ପାଦକ କରୁଣାକର ସେଠ, ରାଉରକେଲା ଆଞ୍ଚଳିକ କମିଟି କୋଷାଧକ୍ଷ ପୁରନ୍ଦର ସେଠୀ, ସଦର (କ) ଆଞ୍ଚଳିକ କମିଟି ଉପସଭାପତି ସାବିତ୍ରୀ ସେଠ ପ୍ରମୁଖଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## ସରକାରୀ ଯୋଜନା ସମ୍ପର୍କରେ ସଚେତନତା



**ହେମଗିରି, ୨୫।୨(ସମିସ):** ହେମଗିରି ପଞ୍ଚାୟତର ବିଭିନ୍ନ ସ୍ଥାନରେ ସଂକୀର୍ତ୍ତନ ମାଧ୍ୟମରେ ସଚେତନତା ବାର୍ତ୍ତା ଦେଲେ ସଂକୀର୍ତ୍ତନ ଦଳ। କିରିପଶିରା ସଂକୀର୍ତ୍ତନ ଦଳ ସରକାରଙ୍କ ବିଭିନ୍ନ ଜନାଭିମୁଖି କାର୍ଯ୍ୟକ୍ରମ ଗୁଡ଼ିକ ସମ୍ବନ୍ଧରେ ସର୍ବସାଧାରଣଙ୍କୁ ଅବଗତ କରାଇଥିଲେ। ମାସମାସ ଧରି ସାରା ବ୍ଲକ ରେ ବିଭିନ୍ନ କଳାକାର ସଂଘ ସମସ୍ତ ପଞ୍ଚାୟତରେ ବୁଲି ଏହି ସଚେତନତା କାର୍ଯ୍ୟକ୍ରମ ପରିବେଷଣ କରି ଆସିଛନ୍ତି। ସରକାରଙ୍କ ଏହି କାର୍ଯ୍ୟକ୍ରମ ଦ୍ୱାରା ଜନସାଧାରଣ ସମେତ କଳାକାର ସମାଜ ମଧ୍ୟ ରୋଜଗାର ପାଇପାରିଛନ୍ତି।

● ୧୬ ବର୍ଷୀୟ ଫୁଟବଲ

## ଭାରତୀୟ ଦଳରେ ରୂପଶ୍ରୀ ମୁଣ୍ଡା ସାମିଲ



**ବାଲିଶଙ୍କରା, ୨୫।୨(ସମିସ):** କଠିନ ପରିଶ୍ରମ, ଏକାଗ୍ରତା ଓ ଧୈର୍ଯ୍ୟ ମଣିଷକୁ ସଫଳ କରିଥାଏ। ଏପରି ଘଟଣା ଆଦିବାସୀ ଅଧ୍ୟୁଷିତ ସୁନ୍ଦରଗଡ଼ ଜିଲ୍ଲା କ୍ରୀଡ଼ା ଛାତ୍ରାବାସରୁ ଦେଖାଦେଇଛି। ରୂପଶ୍ରୀ ମୁଣ୍ଡା ୨୦୨୨ ମସିହା ଅକ୍ଟୋବର ୨୯ ତାରିଖ ଦିନ ସୁନ୍ଦରଗଡ଼ କ୍ରୀଡା ଛାତ୍ରାବାସରେ ଯୋଗଦାନ କରିଥିଲେ। ନେପାଳ ସାଫଗେମ ମାର୍ଚ୍ଚ ୧ ତାରିଖରୁ ୧୦ ତାରିଖ ପର୍ଯ୍ୟନ୍ତ ଖେଳ ହେବାର କାର୍ଯ୍ୟକ୍ରମ ରହିଛି। ସେ ଭାରତୀୟ ଦଳ ତରଫରୁ ଖେଳିବେ। ଭବାନୀପୁର କ୍ରୀଡା ଛାତ୍ରାବାସ କ୍ରୀଡ଼ା ପ୍ରଶିକ୍ଷକ ହୃଦୟ ରଞ୍ଜନ ସିଂ (ଟୁନା ସିଂ)ଙ୍କ ପ୍ରଶିକ୍ଷଣରେ ନୂତନ ଉଦୟୀମାନ ଖେଳାଳିର ଉଦ୍ଭାବନ ଯୋଗୁଁ କ୍ରୀଡା ମହଲରେ ଆନନ୍ଦରେ ଲହରୀ ଖେଳିଯାଇଛି।

## ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି



**ବାଲିଶଙ୍କରା, ୨୫।୨(ସମିସ):** ତଳସରା ନିର୍ବାଚନ ମଣ୍ଡଳୀର ବାଲିଶଙ୍କରା, ସବଡେଗା, ବଡ଼ଗାଁ, ଲେଫ୍ରିପଡ଼ା ବ୍ଲକର କଂଗ୍ରେସ ଯୁବବର୍ଗମାନେ ରାଜ୍ୟ କଂଗ୍ରେସ ଯୁବ ସାଧାରଣ ସମ୍ପାଦକ ଇମତିୟାକ ଖାନଙ୍କ ନେତୃତ୍ୱରେ ତଳସରା ଡ୍ୟାମ ପରିସରରେ ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳଙ୍କ ଦ୍ୱିତୀୟ ତିରୋଧାନ ପାଇଁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। କଂଗ୍ରେସ ଯୁବବର୍ଗ ତଳସରା ନିର୍ବାଚନମଣ୍ଡଳୀକୁ ପୁଣି କଂଗ୍ରେସକୁ ଆଣିବା ପାଇଁ ଶପଥ ନେଇଥିଲେ। ମୁଖ୍ୟଅତିଥି ଭାବେ ରାଜ୍ୟ କଂଗ୍ରେସ ଯୁବ ସାଧାରଣ ସମ୍ପାଦକ ଇମତିୟାକ ଖାନ, ସମ୍ମାନିତ ଅତିଥି ଭାବେ ଏମ୍‌ଡି ମକସୁଦ, ଏମ୍‌ଡି ଖଇନ, ଏମଡି ସାହାଜେବ, ଏମଡି ମନସୁର ଖାନ, ଇନ୍ଦ୍ରାଣୀ ବେହେରା, ସବିତା ଆପଟ, ନଗେନ୍ଦ୍ର ସିଂ, କୁଟିଆ ତିର୍କୀ, ଜେମ୍ସ ଏକ୍କା, ସହେଲ ଖାନ, ଅଲସମସ ଅଲ୍ଲୀ ପ୍ରମୁଖ ଯୋଗଦେଇ ଥିଲେ। ଜିଲ୍ଲା କଂଗ୍ରେସ ଛାତ୍ର ସଭାପତି ସହେଲ ଖାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଭୂତତ୍ତ୍ୱ ବିଜ୍ଞାନଭିତ୍ତିକ ଆଲୋଚନାଚକ୍ର ଉଦ୍‌ଘାଟିତ



**ସୁନ୍ଦରଗଡ଼, ୨୫।୨(ସମିସ):** ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟର ଭୂତତ୍ତ୍ୱ ବିଜ୍ଞାନ ବିଭାଗ ଏବଂ ଜିଓଲୋଜି ବିଭାଗ ସହ ସରକାରୀ ମହିଳା ମହାବିଦ୍ୟାଳୟ ପୁରାତନ ଛାତ୍ରୀ ସଂସଦର ମିଳିତ ଆନୁକୂଲ୍ୟରେ ଦ୍ୱିଦିବସୀୟ ଭୂତତ୍ତ୍ୱ ଭିତ୍ତିକ ଆଲୋଚନା ଚକ୍ର ଉଦ୍‌ଘାଟିତ ହୋଇଛି। ଉକ୍ତ ଆଲୋଚନାଚକ୍ରରେ ଆରାହା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ. ଏସ୍‌ପି ସିଂ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଗ୍ରୀନ ଏନ୍‌ଏରଜି ଉପରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବରେ ଡ. ଜୟନ୍ତ କୁମାର ନନ୍ଦ, ଡ. ମନୋରଞ୍ଜନ ମହାନ୍ତି ଡ଼ ଜୟନ୍ତ କୁମାର ନନ୍ଦ, ଡ. ମନୋରଞ୍ଜନ ମହାନ୍ତି, ପ୍ରାଧାପକ ଏସ୍‌ପି ସିଂ ଦେବେନ୍ଦ୍ର କୁମାର ଖଣ୍ଡା, ଏମ୍‌ସି ଏଲ ଡ. ପ୍ରବୀର କୁମାର ନାୟକ, ଡ଼ ମଦନ ମୋହନ ମହାନ୍ତି, ରଶ୍ମିତା ପୃଷ୍ଟି, କାବେରୀ ସାହୁ, ଜୟନ୍ତ କୁମାର ସାହୁ ବିଭିନ୍ନ ଭୂତତ୍ତ୍ୱଭିତ୍ତିକ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମର ସଂରକ୍ଷକ ଭାବେ ସରକାରୀ ମହା ବିଦ୍ୟାଳୟର ଅଧକ୍ଷ ଡ. ଲଳିତ ରଞ୍ଜନ ମହାବିଦ୍ୟାଳୟର କାରୁକାର୍ଯ୍ୟ ଉପରେ ଆଲୋକପାତ କରିଥିବା ବେଳେ ଡ଼ ସୁଧୀର କୁମାର ଦାଶ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ। ପ୍ରାଧାପକ ଆଶୁତୋଷ ନାୟକ ଧନ୍ୟବାଦ ଦେଇଥିଲେ। ଅବସରପ୍ରାପ୍ତ ଅଧାପକ ପ୍ରଫେସର ଆଶୁତୋଷ ନାୟକ, ଅବସର ପ୍ରାପ୍ତ ଅଧାପକ ଡ. ସୁଧୀର କୁମାର ଦାଶ, ଶିବ ପ୍ରସାଦ ମହାନ୍ତି ବିଭାଗୀୟ ମୁଖ୍ୟ ଭୂତତ୍ତ୍ୱ ବିଜ୍ଞାନ ବିଭାଗ ସରକାରୀ ମହିଳା ମହାବିଦ୍ୟାଳୟ ସୁନ୍ଦରଗଡ଼ ଯଥା କ୍ରମେ ସଂଯୋଜକ ସହ ସଂଯୋଜକ, ପରିଚାଳନା ଏବଂ ସହ ପରିଚାଳକ ଭାବେ କାର୍ଯ୍ୟ ତୁଲାଇ ଥିଲେ। ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ବିଭିନ୍ନ ସମସ୍ୟାରେ ଆଙ୍କେଲବିରା ପଞ୍ଚାୟତ

ହେମଗିରି, ୨୫।୨(ସମିସ)




ହେମଗିରି ବ୍ଲକ ପଞ୍ଚାୟତ ତାଲିକାରେ ପ୍ରଥମ ଆଙ୍କେଲବିରା ପଞ୍ଚାୟତ। ଆଙ୍କେଲବିରା ପଞ୍ଚାୟତ ଏକ କୃଷି ପ୍ରଧାନ ଅଞ୍ଚଳ, ଯେଉଁଠାରେ ସବୁ ସମୟରେ କିଛିନାକିଛି ଚାଷ ଚାଲିଥାଏ। କ୍ଷେତ ମାନଙ୍କରେ ଧାନ ଚାଷ ମୁଖ୍ୟତଃ ବର୍ଷରେ ଥରେ କରନ୍ତି ହେଲେ, ବାଡ଼ି ମାନଙ୍କରେ ବର୍ଷସାରା ଆଖୁ, କଦଳୀ, ବିଭିନ୍ନ ପନିପରିବା, ବିଭିନ୍ନ ଶାଗ, ଲଙ୍କା, ଧନିଆପତ୍ର, କୋବି ଇତ୍ୟାଦି ଚାଷ ମାନ କରି ଚାଲିଥାନ୍ତି। ଏପଲ୍ ବେରି ବା ବଡ଼ ବରକୋଳି ଚଳିତ ବର୍ଷ ବହୁ ଚାଷୀଙ୍କ ବାଡ଼ିରେ ଦେଖିବାକୁ ମିଳିଥିଲା। ବର୍ଷସାରା ପରିଶ୍ରମ କରି ଚାଷ, ପଶୁ ପାଳନ, କୁକୁଡ଼ା ଚାଷ, ମାଛଚାଷ ଆଦି ଅର୍ଥ ଉପାର୍ଜନ ର ପନ୍ଥା ଅବଲମ୍ବନ କରନ୍ତି। ହେଲେ ଭଲଦର ନମିଳିପାରି ନିଚାଦରରେ ବେପାରୀଙ୍କୁ ବିକ୍ରୀ କରିବାକୁ ବାଧ ହେଉଛନ୍ତି। ଚାଷୀଙ୍କ ପାଇଁ ଏକ ଶୀତଳ ଭଣ୍ଡାର ନିହାତି ଭାବେ ଆବଶ୍ୟକ। ରାସ୍ତାଘାଟ ପ୍ରାୟତଃ ଭଲ ହୋଇଯାଇଥିବାବେଳେ ଅଳ୍ପକିଛି ବାକି ରହିଯାଇଛି। ଶିକ୍ଷା ବ୍ୟବସ୍ଥା ଠିକ୍ ଥିବାବେଳେ ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ୟାକୁ ପ୍ରଶାସନ ଦୃଷ୍ଟି ଦେବା ଆବଶ୍ୟକ। ଚାଷପାଇଁ ନାଳ, ତୁଡ଼ି ବନ୍ଧ ସାଙ୍ଗକୁ ବୋର୍ ୱେଲ୍ ଇତ୍ୟାଦି ବ୍ୟବସ୍ଥା ରହିଥିବାବେଳେ ପାନୀୟଜଳ ସମସ୍ୟା ରହିଯାଇଛି। ନଳକୂଅ ମାନଙ୍କରେ ଲୌହ ଯୁକ୍ତ ନାଲିପାଣି ଆସୁଥିବାରୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି ଅଞ୍ଚଳବାସୀ। ମେଗା ପ୍ରୋଜେକ୍ଟ ମାଧ୍ୟମରେ ପାନୀୟଜଳ ଯୋଗାଣ ପ୍ରକଳ୍ପ ଅତିଶୀଘ୍ର ଆରମ୍ଭ କରିବା ପାଇଁ ଦାବି କରିଛନ୍ତି। ରାସ୍ତାଘାଟ ସମସ୍ୟା ବହୁମାତ୍ରରେ ସମାଧାନ ହୋଇଯାଇଥିବାବେଳେ କିଛି ସମସ୍ୟା ଯଥା ସ୍ୱାସ୍ଥ୍ୟ, ପାନୀୟଜଳ ଏବଂ ଶୀତଳଭଣ୍ଡାର ପରି କିଛି ସମସ୍ୟା ବାକିଥିବା ମାନିଛନ୍ତି ସରପଞ୍ଚ ଥାଇଚରଣ ସା। ଚାଷ ମାମଲାରେ ପଞ୍ଚୟତବାସୀ ବହୁ ଅଗ୍ରଗତି କରିଥିବା ମଧ୍ୟ କହିଛନ୍ତି। ବାକିଥିବା ସମସ୍ୟାର ବହୁ ଶୀଘ୍ର ସମାଧାନ କରିବା ପାଇଁ ଚେଷ୍ଟା ଚଳାଇଥିବା କହିଛନ୍ତି ସରପଞ୍ଚ।

# ରାଜଗାଙ୍ଗପୁର ବିଜେଡିର ପ୍ରସ୍ତୁତି ବୈଠକ



**ରାଜଗାଙ୍ଗପୁର, ୨୫।୨(ସମିସ):** ରାଜଗାଙ୍ଗପୁର ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁର ନିର୍ବାଚନମଣ୍ଡଳୀ ବିଜୁ ଜନତା ଦଳ ପକ୍ଷରୁ ଆଗାମୀ ନିର୍ବାଚନ ପାଇଁ ପ୍ରସ୍ତୁତ ବୈଠକ ସ୍ଥାନୀୟ ଡାକ ବଙ୍ଗଳା ଠାରେ ଅନୁଷ୍ଠିତ ହୋଇଛି। ଆଗାମୀ ନିର୍ବାଚନରେ କିପରି ନିର୍ବାଚନ ବୈତରଣୀ ରେ ବିଜୟୀ ହୋଇ ପାରିବ ତାର ରଣନୀତି ଉପରେ ସ୍ଥାନୀୟ ପୂର୍ବତନ ମନ୍ତ୍ରୀ ତଥା ବିଜୁ ଜନତା ଦଳର ରାଜ୍ୟ ଉପସଭାପତି ମଙ୍ଗଳା କିଷାନ ମୂଖ୍ୟ ଅତିଥି ଭାବେ ଯୋଗ ଦେଇ କର୍ମୀମାନଙ୍କୁ କର୍ଣ୍ଣମନ୍ତ୍ର ଦେଇଥିଲେ। ବିଜେଡି ପୂର୍ବତନ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜିତେନ୍ଦ୍ର ଦାସ ଏହି ପ୍ରସ୍ତୁତି ବୈଠକକୁ ପରିଚାଳନା କରିଥିଲେ। ରାଜଗାଙ୍ଗପୁର ଟାଉନ ସଭାପତି ରାଜେନ୍ଦ୍ର କୁମାର ଲେଙ୍କା ସହର ମଧ୍ୟରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ କେତେ ଦୂର ପର୍ଯ୍ୟନ୍ତ ପ୍ରଚାର କରାଯାଇ ଅଛି ତା ଉପରେ ଆଲୋକପାତ କରିଥିଲେ। ପୌରପାଳିକା ଅଧକ୍ଷା ମାଧୁରୀ ଲୁଗୁନ, ଶୋଏବ ଆଲାମ, ଏମ୍‌ଡି ଇରଫାନ, ଅର୍ଜୁନ ଜୟପୁରିଆ, ସୁଶୀଲ କୁମାର ଲାକ୍ରା, ଅଶୋକ ଦାସ, ଇଫତିକାର ଅହମ୍ମଦ, ରାକେଶ ନନ୍ଦା, ମଦନ ଅଗ୍ରୱାଲ, ପ୍ରିୟ ଦର୍ଶନୀ ଭୋଇ, ସୁଭଦ୍ରା ଷଡ଼ଙ୍ଗୀ ଏବଂ ବ୍ଲକର ସମିତି ସଭ୍ୟ ସରପଞ୍ଚ ପ୍ରମୁଖ ନିଜ ନିଜର ମତାମତ ରଖିଥିଲେ।

## ବେଦବ୍ୟାସ ଟ୍ରକ୍ ମାଲିକ ସଂଘ ନିର୍ବାଚନ

# ବିଜୟ ସଭାପତି ଓ ବିଶ୍ୱରଞ୍ଜନ ସାଧାରଣ ସମ୍ପାଦକ

**ରାଉରକେଲା, ୨୫।୨(ସମିସ):** ବେଦବ୍ୟାସ ଟ୍ରକ୍ ଓନରର୍ସ ଆସୋସିଏସନର ରବିବାର ୨୦୨୪-୨୫ ବର୍ଷ ପାଇଁ ନିର୍ବାନନ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ଅଧିକାରୀ ଭାବରେ ଧର୍ମେନ୍ଦ୍ର ଦୁବେ, ଜଗଦୀଶ ଜୟସ୍ୱାଲ, ପ୍ରଦୀପ ଦାସ, ସଞ୍ଜୀବ ସିହ୍ନା, ବିଶ୍ୱରାଥ ଦେ ପରିଚାଳନା କରିଥିଲେ। ୧୭୬ ସଭ୍ୟ ନିର୍ବାଚନରେ ସାମିଲ ହୋଇଥିଲେ। ୧୫୩ ଜଣ ସଭ୍ୟ ମତଦାନ କରିଥିଲେ। ସଭାପତି ପଦ ପାଇଁ ବିଜୟ କୁମାର ପ୍ରଧାନ ୧୩୨ ଭୋଟ୍ ପାଇଥିବା ବେଳେ ନିକଟତମ ପ୍ରତିଦ୍ୱନ୍ଦୀ ସୁକବିନ୍ଦର ସିଂ ୨୦ ଭୋଟ ପାଇଥିଲେ। ଉପସଭାପତି ପାଇଁ ଜୟ ବାହାଦୁର ସିଂ ୮୮ ଭୋଟ୍ ପାଇଥିଲେ। ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ମନୋଜ କୁମାର ସିଂ ୨୪ ଖଣ୍ଡ ଭୋଟ ପାଇଥିଲେ। ସାଧାରଣ ସମ୍ପାଦକ ପାଇଁ ବିଶ୍ୱରଞ୍ଜନ ବେଉରା ୧୦୬ ଭୋଟ ପାଇଥିବାବେଳେ ନିକଟତମ ପ୍ରତିଦ୍ୱନ୍ଦୀ ବିନ୍ଦେଶ୍ୱର ସିଂ ୪୫ ଭୋଟ ପାଇଥିଲେ। ଯୁଗ୍ମ ସମ୍ପାଦକ ବିଜୟ ଚୌଧୁରୀ ୯୩ ଭୋଟ ପାଇଥିବା ବେଳେ ସନ୍ତୋଷ ଯାଦବ ୬୩ ଭୋଟ, ଏମଡି



ମୁସ୍ତାକ ଅନସାରୀ ୨୨ ଓ ଗଣେଶ କୁମାର ସିଂ ୫୪ ଭୋଟ ପାଇଥିଲେ। ତେବେ ବିଜୟ ଓ ସନ୍ତୋଷ ନିର୍ବାଚିତ ହୋଇଥିଲେ। କୋଷାଧ୍ୟକ୍ଷରେ ରାମଚନ୍ଦ୍ର ମଲ୍ଲା ୮୧ ଭୋଟ ପାଇଥିବା ବେଳେ ନିକଟତମ ପ୍ରତିଦ୍ୱନ୍ଦୀ ସୁରେନ୍ଦ୍ର ଯାଦବ ୬୯ ଭୋଟ ପାଇଥିଲେ। ଶାନ୍ତି ପୂର୍ବକ ଭାବେ ଏହି ନିର୍ବାଚନ ଶେଷ ହୋଇଥିଲା। ଏହି ଅବସରରେ ଦିଲୀପ ମହାନ୍ତି, ଶିବ ବିଷୋୟୀ, ଶତ୍ରୁଘ୍ନ ମିଶ୍ର, ବିଶ୍ୱନାଥ ସାହୁ, ହାପି ପୃଷ୍ଟି, ଦିଲୀପ ମହାପାତ୍ର, ଅନନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଜାତୀୟ ମାଷ୍ଟର୍ସ ଆଥ୍‌ଲେଟିକ୍ସରେ ଚମକିଲେ ଅଶୋକ

**ରାଉରକେଲା, ୨୫।୨(ସମିସ):** ମହାରାଷ୍ଟ୍ରର ପୁଣେ ଠାରେ ୪୪ତମ ଜାତୀୟ ମାଷ୍ଟର୍ସ ଆଥଲେଟିକ୍ସ ଚାମ୍ପିଅନସିପ ଗତ ୧୩ରୁ ୧୭ ତାରିଖ ଯାଏଁ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଉରକେଲା ସହରର ଆଥଲେଟ୍ ଅଶୋକ କୁମାର ବିଶ୍ୱାଳ ନିଜର ପ୍ରତିଭା ପ୍ରଦର୍ଶନ କରିଛନ୍ତି। ୭୦ ବର୍ଷରୁ ଉର୍ଦ୍ଧ୍ୱ ବର୍ଗରେ ସେ ୮୦ ମିଟର, ୩୦୦ ମିଟର ଏବଂ ୪୦୦ ମିଟରରେ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ଏନେଇ ଅରିଜିନାଲ ପାୱାର କ୍ଲବର ଉପାଧକ୍ଷ ଉମାଶଙ୍କର ତିୱାରୀ, ସଭାପତି



ଓପି ସିଂ, ହରି ଶଙ୍କର ସାହା ପ୍ରମୁଖ ତାଙ୍କୁ ସମ୍ମାନିତ କରିଛନ୍ତି। ଏହାସହ କ୍ଲବର ବ୍ରାଣ୍ଡ ଆମ୍ବାସେଡର ଭାବେ ଘୋଷଣା କରାଯାଇଛି। ଫଳରେ ବିଶ୍ୱ ଚାମ୍ପିଅନ୍‌ସିପରେ ଖେଳିବାକୁ ଆର୍ଥିକ ସହାୟତା କ୍ଲବ୍ ପକ୍ଷରୁ ପ୍ରଦାନ କରାଯିବ। ପୂର୍ବରୁ ଅଶୋକ ବିସ୍ୱାଳ ମାଷ୍ଟର୍ସ ବର୍ଗରେ ଅନେକ ପଦକ ହାସଲ କରି ସାରିଛନ୍ତି। ବର୍ତ୍ତମାନ ତାଙ୍କର ବିଶ୍ୱ ମାଷ୍ଟର୍ସ ଆଥଲେଟିକ୍ସ ଚାମ୍ପିଅନସିପ୍ ପାଇଁ ମନୋନୀତ ହୋଇଥିବାରୁ ସେ ଏଥିପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି।

# ଅବସରପ୍ରାପ୍ତ ଇସ୍ପାତ ଶିକ୍ଷକ ସଂଘର ବାର୍ଷିକୋତ୍ସବ



**ରାଉରକେଲା, ୨୫।୨(ସମିସ):** ଅବସରପ୍ରାପ୍ତ ଇସ୍ପାତ ଶିକ୍ଷକ ସଂଘର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଅନ୍ତର୍ଯ୍ୟାମୀ ସାହୁଙ୍କ ସଭାପତିତ୍ୱରେ ଉପଦେଷ୍ଟା ସୋମନାଥ ଲେଙ୍କା, ଉପସଭାପତି ସୁଧାକର ରଥ, ଧ୍ରୁବଚରଣ ଲେଙ୍କା, ଗୋଲକ ଚନ୍ଦ୍ର ମଲ୍ଲିକ, ପୂର୍ଣ୍ଣଚନ୍ଦ୍ର ଶତପଥୀ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ବରିଷ୍ଠ ଶିକ୍ଷକ ଡିକେ ମହାପାତ୍ର, ଦାଶରଥି ମଲ୍ଲିକ, ଜନ୍ମେଜୟ ମହନ୍ତ, ଏକେ ନନ୍ଦ, ବୃନ୍ଦାବନ ବେହେରା, ସୁପ୍ରିତି ଦାସ, ତ୍ରିନାଥ ଷଡ଼ଙ୍ଗୀ, ଜିଏନ୍ ମିଶ୍ର, ଗୋପାଳ ସାହୁ, ରମେଶ ଚନ୍ଦ୍ର ରଥ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ଶିକ୍ଷୟିତ୍ରୀମାନେ ପରସ୍ପର ମଧ୍ୟରେ ଭାବ ବିନିମୟ ସହ ଶିକ୍ଷା କ୍ଷେତ୍ରରେ ଦୀର୍ଘ ବର୍ଷର ଅଭିଜ୍ଞତାକୁ ବଣ୍ଟନ କରିଥିଲେ। ପ୍ରାରମ୍ଭରେ ସଭାପତି ଅନ୍ତର୍ଯ୍ୟାମୀ ସାହୁ ସ୍ୱାଗତ ଭାଷଣ ସହ ସମସ୍ତଙ୍କ ପରିଚୟ ପ୍ରଦାନ କରିଥିଲେ। କୋଷାଧ୍ୟକ୍ଷ ଉଦୟ କୁମାର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ମଧୁସୂଦନ ବଳ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଶ୍ୱନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବଣାଇଁ ଉପଖଣ୍ଡକୁ ବିଜ୍ଞାପିତ ଅଞ୍ଚଳ ଘୋଷଣା

# ବଣାଇଁ ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା

**ବଣାଇଁ, ୨୫।୨(ସମିସ):** ଗତକାଲି ମୁଖ୍ୟମନ୍ତ୍ରୀ ବଣାଇଁ ଉପଖଣ୍ଡକୁ ବିଜ୍ଞାପିତ ଅଞ୍ଚଳ ଭାବେ ଘୋଷଣା କରିଛନ୍ତି। ଦୀର୍ଘ ୧୫ ବର୍ଷ ଅପେକ୍ଷାର ଅନ୍ତ ଘଟିବା ସହ ବଣାଇବାସୀଙ୍କ ବହୁଦିନର ସ୍ୱପ୍ନପୂରଣ କରିଥିବାରୁ ଗତକାଲି ଠାରୁ ବଣାଇଁ ରେ ଆନନ୍ଦର ଲହରୀ ଖେଳିଯାଇଛି। ଏହି ଅବସରରେ ଆଜି ବଣାଇଁ ବିଜେଡି ପକ୍ଷରୁ ଜିଲ୍ଲା କାର୍ଯ୍ୟକାରୀ ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ଶହ ଶହ ସଂଖ୍ୟାରେ ଦଳର କର୍ମକର୍ତ୍ତାମାନେ ଏକତ୍ରିତ ହୋଇ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ବଣାଇ ବ୍ଲକ ଛକ ସ୍ଥିତ ବିଜେଡି କାର୍ଯ୍ୟାଳୟରୁ



ଆଦିବାସୀ ନୃତ୍ୟ ଓ ବାଦ୍ୟର ତାଳେତାଳେ କର୍ମୀଙ୍କ ଗହଣରେ ଏକ ବିରାଟ ଶୋଭାଯାତ୍ରା ବାହାରି ବଣାଇ ବସଷ୍ଟାଣ୍ଡ ଅଭିମୁଖେ ଯାଇଥିଲା। ବଣାଇ ଅଞ୍ଚଳର ସର୍ବାଙ୍ଗୀନ ଉନ୍ନତି ଓ ବିକାଶରେ ମୁଖ୍ୟ ମନ୍ତ୍ରୀ ସ୍ୱତନ୍ତ୍ର ଦୃଷ୍ଟିଦେଇ ଏହି ନିଷ୍ପତ୍ତି ଗ୍ରହଣ କରିଥିବାରୁ ବଣାଇ ବିଜେଡି ପକ୍ଷରୁ ତାଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ଏଥିରେ ବଣାଇର ପୂର୍ବତନ ବିଧାୟକ ଭୀମସେନ ଚୌଧୁରୀ, ପୂର୍ବତନ ଜିଲ୍ଲା ପରିଷଦ ଅଧକ୍ଷ ରଣଜିତ କିସାନ, ଜିଲ୍ଲାପରିଷଦ ଉପାଧକ୍ଷ କମଳ ଲାକ୍ରା, ଜିଲ୍ଲା ପରିଷଦ ସଭ୍ୟ ରାମଚନ୍ଦ୍ର ସାହୁ, ମୁଖପାତ୍ର ସୁନ୍ଦରମଣୀ ପ୍ରଧାନ, ଯୁବନେତା ରୋହିତାଶ୍ୱ ମିଶ୍ର ଙ୍କ ସମେତ ବଣାଇର ଜନସାଧାରଣ ଓ ଶତାଧିକ ଦଳୀୟ କର୍ମୀମାନେ ଏଥିରେ ସାମିଲ ହୋଇଥିଲେ।

# କୋଇଡ଼ାରେ ଅନୁକୂଳଚନ୍ଦ୍ରଙ୍କ ଉତ୍ସବ ପାଳିତ

**କୋଇଡ଼ା, ୨୫।୨(ସମିସ):** ପରମ ପ୍ରେମମୟ ଠାକୁର ଅନୁକୂଳଚନ୍ଦ୍ରଙ୍କର ୧୩୬ ତମ ଜନ୍ମ ମହୋତ୍ସବ ସମଗ୍ର ଭାରତ ବର୍ଷର ବିଭିନ୍ନ କେନ୍ଦ୍ର ମନ୍ଦିରମାନଙ୍କରେ ପାଳିତ ହେଉଥିବା ପରିପ୍ରେକ୍ଷୀରେ ଆଜି କୋଇଡା ସତସଙ୍ଗ କେନ୍ଦ୍ରରେ ପାଳିତ ହୋଇଯାଇଛି। ଏହି ଅବସରରେ ଠାକୁରଙ୍କ ବିଗ୍ରହ ରଥାରୁଢ଼ କରି ନାଚ ଗୀତ କୀର୍ତ୍ତନ କରି ଶ୍ରଦ୍ଧାଳୁ ନଗର ପରିକର୍ମା କରିଥିଲେ। କୋଇଡ଼ା ଥାନା ଅଧିକାରୀ ମନୋରଞ୍ଜନ କୁମ୍ଭାର, ପୂର୍ବତନ ବିଧାୟକ ଭୀମସେନ ଚୌଧୁରୀ ଓ ଜିଲ୍ଲା ପରିଷଦ ଅଶୋକ କୁମାର ନାଏକ ସଭା ଆରମ୍ଭ କରିଥିଲେ। ପ୍ରଥମେ କୋଇଡା ସତସଙ୍ଗ କେନ୍ଦ୍ରର ସମ୍ପାଦକ ଚକ୍ରଧର ନାୟକ ଉପସ୍ଥିତ ସମସ୍ତଙ୍କ ପରିଚୟ ଦେବା ସହ



ଉତ୍ସବର ଆଭିମୁଖ୍ୟ ପ୍ରଦାନ କରିଥିଲେ। ମୁଖ୍ୟ ବକ୍ତା ଭାବେ କଟକରୁ ଆସିଥିବା ଅରୁଣ କୁମାର ସ୍ୱାଇଁ ଯୋଗଦେଇଥିଲେ। ବଣାଇରୁ ଏକାଦଶୀ ପ୍ରଧାନ, ଟେନସାରୁ ରଶ୍ମୀରଞ୍ଜନ ନାୟକ, ରଜାମୁଣ୍ଡାରୁ ରତ୍ନାକର ଧଳ, ରାଉରକେଲାରୁ ଶାନ୍ତନୁ କୁମାର ନାଏକ ଓ ଅଶୋକ କୁମାର ରାୟ, ଯୋଡ଼ାରୁ ଦେବେନ୍ଦ୍ର ନାଥ ଦଳେଇ, ବୀରମିତ୍ରପୁରରୁ ଚିତ୍ତରଞ୍ଜନ ମହାନ୍ତି ଓ ପାରାଦ୍ୱୀପରୁ ଅଲେଖ ଚରଣ ଖଟୁଆ ପ୍ରମୁଖ ଉପସ୍ଥିତ ଥିଲେ। ଉତ୍ସବକୁ ସୁଚାରୁରୂପେ ତୁଲାଇବା ପାଇଁ କୋଇଡା ଗୁରୁଭାଇମାନେ ବିନୋଦ ନାଏକ, ବିଚିତ୍ର ବାରିକ, ଅରୁଣ ବେହେରା, କିଶୋର ସାହୁ, ଚିତ୍ତ ନାୟକ, ଚେତନ ନାୟକ, ଚନ୍ଦ୍ରକାନ୍ତ ସାହୁ ଓ ପ୍ରଦୀପ ପରିଜା ପ୍ରମୁଖ ଗୁରୁଭାଇମନେ ପରିଚାଳନାରେ ସହଯୋଗ କରିଥିଲେ।

# ମାଲଗୋଦାମରେ ବାଇକ୍ ଜାଳିଦେଲେ ଦୁର୍ବୃତ୍ତ



**ରାଉରକେଲା, ୨୫।୨(ସମିସ):** ସ୍ଥାନୀୟ ଉଦିତନଗର ଥାନା ମାଲଗୋଦାମ ବସ୍ତିର ରେଲୱେ ଫାଟକ ନିକଟରେ ଦୀପକ ଶର୍ମା ନାମକ ଜଣେ ଯୁବକଙ୍କ ବାଇକକୁ କେହି ଦୁର୍ବୃତ୍ତ ନିଆଁ ଲଗାଇ ପୋଡ଼ି ଦେଇଥିବା ସୂଚନା ମିଳିଛି। ତେବେ କିଏ ଏବଂ କେଉଁ କାରଣରୁ ଏପରି କାଣ୍ଡ ଘଟାଇଲା ସେ ବିଷୟରେ କିଛି ଜଣାପଡ଼ିନି। ଏ ନେଇ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ନିଃଶୁଳ୍କ ଦନ୍ତ ଓ ଚକ୍ଷୁ ଚିକିତ୍ସା ଶିବିର

**ରାଉରକେଲା, ୨୫।୨(ସମିସ):** ଜୟ ହିନ୍ଦ୍ କ୍ଲବ୍ ପକ୍ଷରୁ ବନ୍ଧମୁଣ୍ଡା ସେକ୍ଟର ଏ ସ୍ଥିତ ମୁଖୀବସ୍ତି ଠାରେ ଶ୍ରମମନ୍ତ୍ରୀ ସାରଦା ପ୍ରସାଦ ନାୟକଙ୍କ ଆହ୍ୱାନ କ୍ରମେ ନିଶୁଳ୍କ ଚକ୍ଷୁ ଓ ଦନ୍ତ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କ୍ରମରେ ହାଇଟେକ୍ ହସ୍ପିଟାଲର ଟିମ୍ ଲୋକଙ୍କ ଚିକିତ୍ସା କରିଥିଲେ। ପ୍ରାୟ ୪୦୦ ଜଣ ରୋଗୀଙ୍କ ଚିକିତ୍ସା କରାଯାଇଥିଲା। ଏହାସହ ଦନ୍ତ ଓ ଚକ୍ଷୁ ରୋଗର ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଇ ନିଶୁଳ୍କ ଔଷଧ ଦିଆଯାଇଥିଲା। ଚକ୍ଷୁ ବିଶେଷଜ୍ଞ ଡାକ୍ତର ଭବାନୀ ଶଙ୍କର ଓ ଦନ୍ତ ବିଶେଷଜ୍ଞ ଡାକ୍ତର ସ୍ୱସ୍ତିକା ପ୍ରିୟଦର୍ଶିନୀ ଚିକିତ୍ସା କରିଥିଲେ। ଏହି ଅବସରରେ ହସ୍ପିଟାଲର ସିନିୟର ମ୍ୟାନେଜର ସୁଭାଶିଷ ତ୍ରିପାଠୀ ସମେତ ଟିମ୍ ଉପସ୍ଥିତ ଥିଲେ। ସ୍ଥାନୀୟ ଡିଟୁ ମାସ୍ ଗ୍ରୁପର ମହିଳା ସଦସ୍ୟା ମାନେ ସହଯୋଗ କରିଥିଲେ। ବିଜେଡି ଛାତ୍ର ନେତା ଡି ଅଭିକ୍ କୁମାର, ଭି ପଦ୍ମା ରାଓ, ଅବିନାଶ ଯାଦବ, ଚୁଡାମଣି ତନ୍ତୀ, ଚନ୍ଦନ ତରାଇ, ନୀତୀଶ ମୁଖୀ, ଭାଉ ଦତ୍ତ, ବୁଜି ରାଓ, ବୀରେନ୍ଦ୍ର ରଜକ, ରାଜା ଚୌଧୁରୀ, ମେରି ଟପ୍ପୋ, ପଞ୍ଚମ ପ୍ରଧାନ ସମେତ ଅନ୍ୟମାନେ ସଫଳ ଆୟୋଜନ କରିଥିଲେ।



